# ୨ ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ, ୩ ଗିରଫ

ପାଣିକୋଇଲି,୩୧।୧୨(ଡି.ଏନ.ଏ.):

ପାଣିକୋଇଲି ଥାନା ପୋଲିସ ୨ ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ୨ ଚାଳକ ବିହାର ରାଜ୍ୟ ନାଳନ୍ଦା ରାଜବୀର ଥାନା ଚମନଡିହ ଗ୍ରାମର ରଣଜିତ ଯାଦବ, ଉତ୍ତରପ୍ରଦେଶ ରାଜ୍ୟ ଭାଉରପୁର ଥାନା ପରସଦା ଗ୍ରାମର ନନ୍ଦଲାଲ ଯାଦବ ଏବଂ ଅନ୍ୟଜଣେ ଯାଜପୁର ସଦର ଥାନା ମହେଶ୍ୱରପୁର ଗ୍ରାମର ନାରାୟଣ ସାହୁ। ପୋଲିସ ରାଜପଥରେ ପାଟ୍ରୋଲିଂ କରୁଥିବା ସମୟରେ କୁଆଖିଆ ପଟୁ ଭଦ୍ରକ ଯାଉଥିବା ୨ କୋଇଲା ଟ୍ରକ୍ ଅଟକାଇ ଯାଞ୍ଚ କରିଥିଲା। ଚାଳକ କାଗଜାଦି ଦେଖାଇବାରେ ବିଫଳ ହୋଇଥିଲେ। ଫଳରେ ପୋଲିସ ଗାଡି ଦୁଇଟିକୁ ଜବତ କରି ଥାନାକୁ ଆଣିଥିଲା।




## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରଣୟ



@ ସେହେନ୍ଶା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଘର ଭାଙ୍ଗିଦେଲେ ଖଣି ନିଗମ ଅଧିକାରୀ

କାଳିଆପାଣି, ୩୧।୧୨(ଡି.ଏନ.ଏ.):

ସୁକିନ୍ଦା ବ୍ଲକ୍‌ଅଧୀନ କାଳିଆପାଣି ଖଣି ଅଞ୍ଚଳରେ ନୂତନ ଖଣି ଖୋଲିବାକୁ ସରକାରୀସ୍ତରରେ ପ୍ରସ୍ତୁତି ଚାଲିଛି। ଫଳରେ ଏହାକୁ ଦୃଷ୍ଟିରେ ରଖି ସେଠାରେ ବର୍ଷବର୍ଷ ଧରି ବସବାସ କରି ରହୁଥିବା ଏକ ଘରକୁ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆଇଏସଏଫ୍ ନିରାପତ୍ତା ରକ୍ଷୀଙ୍କ ଦ୍ୱାରା ଶୁକ୍ରବାର ରାତିରେ ଭାଙ୍ଗି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଏହାକୁ ସ୍ଥାନୀୟ ଲୋକେ ଦୃଢ଼ ବିରୋଧ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ କାଳିଆପାଣି ଟ୍ରକ୍ ପାର୍କିଂ ନିକଟରେ ଘର କରି ରହୁଥିଲେ। ଏବେ ସମ୍ପୃକ୍ତ ସ୍ଥାନରେ ୨୦ରୁ ଊର୍ଦ୍ଧ୍ୱ ପରିବାର ସ୍ଥାୟୀ ଭାବେ ରହୁଛନ୍ତି। ଘର ଠାରୁ ଅନତି ଦୂରରେ ଖଣି ନିଗମର ସାଉଥ୍ କାଳିଆପାଣି ଖଣି ପାଇଁ ଟ୍ରକ୍ ପାର୍କିଂ କରାଯାଇଥିବାରୁ ଦୁର୍ଘଟଣା ଘଟୁଛି। ଏବେ ନିକଟରେ ନୂତନ କାଳିଆପାଣି ଖଣି ଖୋଲିବାକୁ ନିଗମ ଲିଜ ହାତେଇଛି। ଆସନ୍ତା ଜାନୁୟାରୀରେ ଖଣି ଖୋଲିବ। କିନ୍ତୁ ଏହାପୂର୍ବରୁ ରାତି ଅଧିଆ ଘର ଭଙ୍ଗା ଘଟଣାକୁ ନେଇ ସେଠାରେ ବସବାସ କରୁଥିବା ୨୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ଭୟଭୀତ ହୋଇ ପଡ଼ିଛନ୍ତି। ଓଏମ୍‌ସି କାଳେ ସେମାନଙ୍କ ଘର ଭାଙ୍ଗିଦେବ ସେଥିପାଇଁ ଧନୁତିର ଧରି ନିଜ ଘରକୁ ଜଗି ରହୁଛନ୍ତି। ଏନେଇ ଖଣି ନିଗମର କାଳିଆପାଣି ଖଣି ପରିଚାଳକ ମନୋଜ ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ଏନେଇ ମୋ ନିକଟରେ କିଛି ଖବର ନାହିଁ। ନିରାପତ୍ତା ଅଧିକାରୀ ଏନ୍.କେ. ନାୟକଙ୍କୁ ଯୋଗଯୋଗ କରିବାରୁ ସେ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି।




# ପ୍ରତିଭା ଦେଖାଇଲେ ସ୍କୁଲ୍ ପିଲା

## ଧର୍ମଶାଳା ମହୋତ୍ସବର ସପ୍ତମ ସନ୍ଧ୍ୟା

ଧର୍ମଶାଳା,୩୧।୧୨(ଡି.ଏନ.ଏ.):

ଧର୍ମଶାଳା ମହୋତ୍ସବର ସପ୍ତମ ସନ୍ଧ୍ୟାରେ ଶନିବାର ମୁକ୍ତାକାଶ ରଙ୍ଗମଞ୍ଚରେ ସ୍ଥାନୀୟ ଅଞ୍ଚଳ ସ୍କୁଲ୍ ଛାତ୍ରୀଛାତ୍ର ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ଭରପୁର ଉପଭୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଧର୍ମଶାଳା ବାଣୀପୀଠ, ଜାରକା ହାଇସ୍କୁଲ, ଆଦର୍ଶ ବିଦ୍ୟାଳୟ, ଗୁରୁକୁଳ ପବ୍ଲିକ ସ୍କୁଲ, ଧର୍ମଶାଳା ପବ୍ଲିକ ସ୍କୁଲ, ବିବେକାନନ୍ଦ ଶିକ୍ଷା ନିକେତନ, କୁମାରୀ ପ୍ରକଳ୍ପ ବିଦ୍ୟାଳୟ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟ, ଜାରକା ଉ.ପ୍ରା. ସ୍କୁଲ, ଭେଙ୍କଟେଶ୍ୱର ସ୍କୁଲ ଓ ଗୋକର୍ଣ୍ଣେଶ୍ୱର ସ୍କୁଲ୍ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରବଳ ଶୀତ ସତ୍ତ୍ୱେ ହଜାରହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ ଲାଗିଥିଲା। ଅନ୍ୟପଟେ ଯାଜପୁର ହସ୍ତଶିଳ୍ପ ବିଭାଗ ପକ୍ଷରୁ ଧର୍ମଶାଳା ମହୋତ୍ସବ ପଡ଼ିଆରେ ହସ୍ତଶିଳ୍ପ ପ୍ରଦର୍ଶନୀ ଷ୍ଟଲ୍ ଉଦ୍‌ଘାଟିତ ହୋଇଥିଲା। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଷ୍ଟଲ୍‌କୁ ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦିବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି, ବିଭାଗୀୟ ଓଏସ୍‌ଡି ଶେଷଦେବ ରାଉତରାୟ, ଜିଲା ହସ୍ତଶିଳ୍ପ ବିକାଶ ଅଧିକାରୀ କମଳ ଲୋଚନ ସାହୁ, ହସ୍ତଶିଳ୍ପ ବିକାଶ ଅଧିକାରୀ କଲ୍ୟାଣ ଗୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

ହସ୍ତଶିଳ୍ପ କାରିଗରଙ୍କ ଆତ୍ମନିଯୁକ୍ତି ପାଇଁ ସରକାର ବିଭିନ୍ନ ଯୋଜନା କରିଥିବାରୁ ମୁଖ୍ୟଅତିଥି ରବି ଲାବଣ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରଦର୍ଶନୀରେ ଚାନ୍ଦୁଆ, କାଇଁଚ, ଝୋଟ, ବେତ ଓ ବାଉଁଶ, ପ୍ରସ୍ତର ଶିଳ୍ପ, କାଷ୍ଠ ଖୋଦେଇ, ହସ୍ତଶିଳ୍ପ, ଧାନରୁ ପ୍ରସ୍ତୁତ ହସ୍ତଶିଳ୍ପ, କଂସା ପିତଳ, ଟେରାକୋଟା ଆଦି ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀର ଷ୍ଟଲ ଖୋଲାଯାଇଛି। ଯାଜପୁର ଜିଲାର ବିଭିନ୍ନ ବ୍ଲକରୁ ସମୁଦାୟ ୩୦ ଜଣ କାରିଗର ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲୁ ରହିବ ବୋଲି ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରକାଶଚନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି। ରବିବାର ସନ୍ଧ୍ୟାରେ ମହୋତ୍ସବ ରଙ୍ଗ ମଞ୍ଚରେ ବିଷ୍ଣୁମୋହନ କବି ଓ ବର୍ଣ୍ଣାଳୀ ହୋତା ନାଇଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।










# ୪ରୁ ଧାନ ସଂଗ୍ରହ

- ଗାଡ଼ି ଯୋଗାଇବେ ମିଲର
- ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ହେବ ଧାନ ସଂଗ୍ରହ

ଯାଜପୁର ଅଫିସ,୩୧।୧୨

ଆସନ୍ତା ଜାନୁୟାରୀ ୪ରୁ ୨୦୨୨-୨୩ ଖରିଫ ଋତୁ ଧାନକିଣା ଆରମ୍ଭ ହେବ। ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଶୁକ୍ରବାର ଅପରାହ୍ନରେ ଧାନ କ୍ରୟ ପାଇଁ ପୁନର୍ବାର ଏକ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧାନକିଣାକୁ ସୁଚାରୁରୂପେ ସମ୍ପନ୍ନ ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇଛି। ପ୍ରତ୍ୟେକ ପଞ୍ଜୀକୃତ ଚାଷୀ ଯେପରି ଧାନ ବିକ୍ରୟରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ପ୍ରଶାସନ ତତ୍ପର ରହିବା ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଚାଷୀମାନେ ପ୍ରାୟ ୧୫ ଦିନ ହେବ ଅମଳ ସାରିଥିବାବେଳେ ନିଜ ଅଭାବ ଅନଟନ ପାଇଁ ଦଲାଲ ପାଖରେ ୧୫୦୦ରୁ ୧୬୦୦ ଟଙ୍କାରେ ବିକ୍ରି କରି ସାରିଛନ୍ତି। ଏପରିକି ଜିଲାର କେତେକ ମିଲ୍‌ରେ ଧାନ ଗଦା ହୋଇଥିବା ଚର୍ଚ୍ଚା ହେଉଛି। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାବେଳେ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇଛି।

ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ବୈଠକରେ ୧୫ ଦିନର ଆଗୁଆ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ସମବାୟ ସମିତି ସମ୍ପାଦକ ଏବଂ ଧାନକିଣାରେ ନିୟୋଜିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ସମ୍ପୃକ୍ତ ମିଲରମାନେ ଗାଡ଼ି ଯୋଗାଇ ଦେବାର ବ୍ୟବସ୍ଥା କରିବେ। ଧାନ ମଣ୍ଡିଗୁଡ଼ିକରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ପିଇବା ପାଣି ଓ ଟେଣ୍ଟର ବ୍ୟବସ୍ଥା କରାଯିବ। ଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମଣ୍ଡିରେ ଯେପରି କୌଣସି ସମସ୍ୟା ନ ଉପୁଜେ ସେଥିପ୍ରତି ଯତ୍ନବାନ ହେବାକୁ ଅତିରିକ୍ତ ଜିଲାପାଳ ନାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମବାୟ ସମିତି ସମ୍ପାଦକ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି ଚାଷୀମାନଙ୍କୁ ଅଖାରେ ମଣ୍ଡିକୁ ଧାନ ଆଣିବା ଲାଗି ସଚେତନ କରାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ ଖାଁଙ୍କ ସମେତ ସହକାରୀ ସମବାୟ ସମିତି ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ, ମିଶନଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ, ସହକାରୀ ଯୋଗାଣ ଅଧିକାରୀ, ମିଲର, ସମବାୟ ସମିତି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧିମାନେ ଯୋଗଦେଇଥିଲେ।







# ଲିଜ୍ ଏରିଆ ବାହାରୁ କଳାପଥର ଉତ୍ତୋଳନକୁ ବିରୋଧ

ଧର୍ମଶାଳା,୩୧।୧୨ (ଡି.ଏନ.ଏ.):

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡଙ୍କାରୀ କଳାପଥର ଖାଦାନରୁ ଲିଜ୍‌ଧାରୀ ଅଧିକ ଲୁଟ କରୁଥିବା ଭାଜପା ନେତ୍ରୀ ସ୍ମୃତିରେଖା ପହି ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ଲିଜ୍ ଧାରୀ ଦିନକୁ ୨୨୫ କ୍ୟୁବିକ୍ ମିଟର କଳାପଥର ଉତ୍ତୋଳନ ପରିବର୍ତ୍ତେ ଲିଜ ଓ ଲିଜ ଏରିଆ ବାହାରୁ ୭୦ଗୁଣ ଅଧିକ କଳାପଥର ଉତ୍ତୋଳନ କରୁଛନ୍ତି। ଖାଦାନରେ ଦୈନିକ ୨୦୦ରୁ ଊର୍ଦ୍ଧ୍ୱ ହାଇୱା ଓ ୫୦ରୁ ଊର୍ଦ୍ଧ୍ୱ କମ୍ପ୍ରେସର୍ ଓ ୱାଗନ ଡ୍ରିଲ୍ ମେଶିନ୍ ବ୍ୟବହାର କରୁଛନ୍ତି। ଏହାବ୍ୟତୀତ ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ, ବରଡ଼ା, ରାହାଡ଼ପୁର ଆଦି ଅଞ୍ଚଳରେ ବେଆଇନ ଭାବେ ଅନେକ କ୍ରଶର ଗଢ଼ିଉଠିଥିବା ବେଳେ ସେଠାରେ ଚୋରା କଳାପଥର ବ୍ୟବହାର କରାଯାଉଛି। ତେଣୁ ଦୁଇଟି ଲିଜ୍ ଏରିଆ ମଧ୍ୟରେ ଠିକ୍ ଭାବେ ଡିମାର୍କେସନ୍ କରିବା, ଲିଜ୍ ଏରିଆ ବାହାରେ ଯେପରି କୌଣସି ଅପରେଶନ୍ ନ କିରବା, ୱାଗନ୍ ବ୍ଲାଷ୍ଟିଂକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଓ ଅଧିକ ପରିମାଣର କଳାପଥର ଉତ୍ତୋଳନ ହେଉଥିବା ଖାଦାନ ଗୁଡ଼ିକରେ ଜିଲା ସ୍ପେଶାଲ ସ୍କାଡ୍ କମିଟି ପକ୍ଷରୁ ଅଚାନକ ଚଢ଼ାଉ କରିବାକୁ ସମ୍ମିଳନୀରେ ପହି ଦାବି କରିଛନ୍ତି। ଯଦି ୧୫ଦିନ ଭିତରେ ସେମାନଙ୍କ ଦାବିକୁ ଦୃଷ୍ଟି ଦିଆ ନ ଯାଏ ତେବେ ଭାଜପା ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦିଆଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଭୂତିଭୂଷଣ ଜେନା, ଆର୍ତ୍ତବନ୍ଧୁ ପୃଷ୍ଟି, ତପନ ମାହୁନ୍ତ ପ୍ରମୁଖ ଉପସ୍ଥିତି ଥିଲେ।

# ୨ ଟ୍ରଲର ଜବତ, ୧୩ ମସ୍ୟଜୀବୀ ଗିରଫ

ରାଜନଗର,୩୧।୧୨(ଡି.ଏନ.ଏ.)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ୨ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୧୩ ଜଣ ମସ୍ୟଜିବୀଙ୍କୁ ଗିରଫ କରାଯାଇଛି। ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନେତୃତ୍ୱରେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟି ଓ ବନ କର୍ମଚାରୀମାନେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ କଇଁଛ ସୁରକ୍ଷା ପାଇଁ ପାଟ୍ରୋଲିଂ କରୁଥିବା ବେଳେ ହୁକିଟୋଲାଠାରୁ ୯ କିମି ଦୂରରେ ବେଆଇନ ଭାବେ ମାଛ ମାରୁଥିବା ଯଶୋଦା ନନ୍ଦନ ଏବଂ ନନ୍ଦ ନନ୍ଦନ-୧ ନାମକ ୨ଟି ଟ୍ରଲରକୁ ଜବତ କରାଯାଇଛି। ଜବତ ୨ଟି ଟ୍ରଲରରୁ ୪ କୁଇଣ୍ଟାଲ ମାଛ, ୨୧ଟି ଟ୍ରଲିଂ ନେଟ, ୨ଟି ଫିସ୍ ଫାଇଣ୍ଡର, ୨ଟି ଭିଏଚ୍ଏଫ୍, ୨ଟି ଜିପିଏସ ଜବତ କରାଯାଇଛି। ଗିରଫ ମସ୍ୟଜୀବୀମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।




## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପ୍ରଣୟ


@ ସେହେନ୍ଶା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ମାର୍ଶାଘାଇ,୩୧।୧୨ (ଡି.ଏନ୍.ଏ.)

ମାର୍ଶାଘାଇ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨ଶହ, ୨ଶହ ମିଟର ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଡିସ୍କସ, ସଟ୍ପୁଟ, ଜାଭେଲିନ ଥ୍ରୋ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗୀତାରେ ୧୭୫ ଛାତ୍ରୀ ଭାଗ ନେଇଥିଲେ। ଚଳିତ ବର୍ଷ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ପୂର୍ଣ୍ଣିମା ରାଉତ ଆଥ୍ଲେଟିକ ଚାମ୍ପିୟାନ ହୋଇଛନ୍ତି । ଏହି ଉତ୍ସବକୁ କ୍ରୀଡ଼ା ଶିକ୍ଷକ ସୁବାସ ସାହୁ ପରିଚାଳନା କରିଥିଲେ । ଅଧ୍ୟାପକ ଦୀପକ ସ୍ୱାଇଁ, ଡ.ଦୀପକ ଦଳାଇ, ଅସମାପିକା ଅର୍ଚ୍ଚନା ରାଉତରାୟ, ଦିପ୍ତୀରେଖା ଷଡ଼ଙ୍ଗୀ, କର୍ମଚାରୀ ଜ୍ୟୋତିର୍ମୟୀ ମହାପାତ୍ର, ଶିକ୍ତା ଦାସ, ନବ କିଶୋର ସେଠୀ ପ୍ରମୁଖ ସହାୟତା କରିଥିଲେ ।

# ମୃତ ବାରହା ଜବତ, ଶିକାରୀ ଗିରଫ

ରାଜନଗର,୩୧।୧୨ (ଡି.ଏନ.ଏ.)

ଭିତରକନିକା ଜାତୀୟ ଉଦ୍ୟାନର ସୁନେଇ ରୁପେଇ ସଂରକ୍ଷିତ ଜଙ୍ଗଲରୁ ବାରହା ଶିକାର କରି ଜଣେ ଶିକାରୀ ଗିରଫ ହୋଇଛି। ଶୁକ୍ରବାର ଏହି ସଂରକ୍ଷିତ ଜଙ୍ଗଲରୁ ଗୁପ୍ତି ପଞ୍ଚାୟତ ବଗପାଟିଆ ଗାଁର ପେଷାଦାର ଶିକାରୀ ଅର୍ଜୁନ ମଳିକ ଏକ ବାରହା ଶିକାର କରି ନିଜ ବାଡି ପଛପଟ କୁଟାଗଦା ଭିତରେ ଲୁଚାଇ ରଖିଥିଲେ। ବନ କର୍ମଚାରୀ ଅର୍ଜୁନଙ୍କୁ କାବୁ କରିବା ପରେ ମୃତ ବାରହାକୁ ଲୁଚାଇ ଥିବା ଜାଗା ଦେଖାଇଥିଲେ। ୬୦ କେଜି ଓଜନର ମୃତ ବାରହାକୁ ଜବତ କରିବା ସହ ଅର୍ଜୁନଙ୍କୁ ଗିରଫ କରିଥିଲେ। ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କିଶୋର କୁମାର ସାହୁ ବ୍ୟବଚ୍ଛେଦ କରିବା ପରେ ବାଣ୍ହାକୁ ପୋତି ଦିଆଯାଇଥିଲା।




# ନୃତ୍ୟଗୀତର ମଜା ଉଠାଇଲେ ଭରପୂର ଦର୍ଶକ

## ଡେରାବିଶ ମହୋତ୍ସବ ଉଦ୍ଯାପିତ

ଡେରାବିଶ,୩୧।୧୨(ସ୍ୱ.ପ୍ର.)


ଉଦ୍ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଡେରାବିଶ ମହୋତ୍ସବ ଶନିବାର ସନ୍ଧ୍ୟାରେ ଶେଷ ହୋଇଛି । ପାରାଦୀପର ବ୍ଲାକ୍ ୱାଲଡର ସାଂସ୍କୃତିକ ସଙ୍ଗଠନ ଓ ପଟ୍ଟାମୁଣ୍ଡାଇର ଫିଟ୍ ଅଫ୍ ଫାୟାର ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା ପରିବେଶିତ ନୃତ୍ୟଗୀତରେ ଷ୍ଟାଡିୟମ ପଡ଼ିଆରେ ଥିବା ଭରପୁର ଦର୍ଶକ ମଜା ଉଠାଇଥିଲେ। ପଟ୍ଟାମୁଣ୍ଡାଇର କଳାକାରଙ୍କ ଦ୍ୱାରା ମହିଷା ମର୍ଦ୍ଦିନୀ ନୃତ୍ୟ ଶୀତୁଆ ସନ୍ଧ୍ୟାକୁ ଉଷ୍ମ କରିଥିଲା। ଏହି ସାରସ୍ୱତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗ ଦେଇ ପ୍ରାଚୀନ ସଂସ୍କୃତିର ମୌଳିକତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ମହୋତ୍ସବ ହିଁ ଏକମାତ୍ର ମାଧ୍ୟମ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଉପସ୍ଥିତ ଥିଲେ । ସାଂସ୍କୃତିକ ସଙ୍ଗଠନର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥିଭାବେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ୍ ଓ ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ଏହି ଅବସରରେ ଜୁନିୟର ଫୁଟବଲ୍ କ୍ରୀଡ଼ାବିତ୍ ବି. ଅନିଶା, ଡେରାବିଶ ଥାନାର ଏସ୍ଆଇ ନାରାୟଣ ମହାରଣାଙ୍କୁ ମନ୍ତ୍ରୀ ପାତ୍ର ସମ୍ବର୍ଦ୍ଧିତ କରିଥିଲେ।










# ଗରଦପୁରରେ ଧାନ ମଣ୍ଡି ଉଦ୍ଘାଟିତ

ପାଟକୁରା,୩୧।୧୨(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକର ଗରଦପୁର ସେବା ସମବାୟ ସମିତି ପକ୍ଷରୁ ଶନିବାର ଧାନ ମଣ୍ଡି ଉଦ୍ଘାଟିତ ହୋଇଯାଇଛି। ସମିତି ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି ରଞ୍ଜିତ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ । ବିଡିଓ ଧର୍ମ ରଞ୍ଜନ ପଣ୍ଡା ଉକ୍ତ ମଣ୍ଡିକୁ ଉଦ୍ଘାଟିତ କରିଥିଲେ । ତହସିଲଦାର ସନ୍ତୋଷ କୁମାର ସାହୁ ଓ ଯୋଗାଣ ଅଧିକାରୀ ସ୍ୱରୁପ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମିତିର ନିର୍ଦ୍ଦେଶକ ବାସୁଦେବ ପଣ୍ଡା, ପ୍ରତିନିଧି ମଲ୍ଲିକ, ଦିଲ୍ଲୀପ କୁମାର ଦାସଙ୍କ ସମେତ ଚାଷୀ ନବାବ ପଣ୍ଡା, ନାଗମଣି ବେହେରା ଓ ରଞ୍ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସମିତିର ସମ୍ପାଦକ ଜ୍ୟୋତି ରଞ୍ଜନ ପଣ୍ଡା, ସହ ସମ୍ପାଦକ ରଞ୍ଜିତ କୁମାର ପଣ୍ଡା ଉପସ୍ଥିତ ଥିଲେ। ସରକାର ଏଫ୍ଏକ୍ୟୁ ଧାନର କୁଇଣ୍ଟାଲ ପ୍ରତି ମୂଲ୍ୟ ୨୦୪୦ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଏ ଗ୍ରେଡ ଧାନ ମୂଲ୍ୟ ୨୦୬୦ ଟଙ୍କା ରହିଛି । ହେଲେ ସରକାର ଏପର୍ଯ୍ୟନ୍ତ ମିଲର ଠିକ୍ କରି ନାହାନ୍ତି । ପ୍ରତି ମଣ୍ଡିରେ କେତେ ଧାନ କିଣାଯିବ ତାହା ବି ସ୍ଥିର ହୋଇ ନ ଥିବାରୁ ସମବାୟ ସମିତି କର୍ମକର୍ତ୍ତା ଦ୍ୱନ୍ଦରେ ପଡିଛନ୍ତି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

# ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ୯ ଛାତ୍ରୀଛାତ୍ର ବାଜିମାତ୍

ଆଳି,୩୧।୧୨(ଡି.ଏନ.ଏ.)

ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନ୍ତର୍ନିହିତ ଜ୍ଞାନକୁ ପ୍ରଦର୍ଶନ କରିବା ନିମନ୍ତେ ହୋଇଥିବା ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି । ଆଳି ବ୍ଲକର ୯ ଛାତ୍ରୀଛାତ୍ର ଏହି ବୃତ୍ତି ପାଇଛନ୍ତି । ସେମାନଙ୍କ ମଧ୍ୟରେ ଶରତ କୁମାର ଦେବ ହାଇସ୍କୁଲର ୬ ଛାତ୍ରୀଛାତ୍ରଥିବା ବେଳେ ଜନତା ନୋଡାଲ ହାଇସ୍କୁଲର ଜଣେ ଓ ଚକ୍ରଧର ନୋଡାଲ ହାଇସ୍କୁଲର ୨ ଛାତ୍ରୀଛାତ୍ର ଅଛନ୍ତି । ଶରତ କୁମାର ଦେବ ନୋଡାଲ ହାଇସ୍କୁଲର ପ୍ରଭାସିନୀ ଧଳ ଆଳି ବ୍ଲକ ଟପ୍ପର ହୋଇଥିବା ବେଳେ ବିଦ୍ୟାଳୟର ସୀମାରାଣୀ ବେହୁରା, ଅନିଶା ପ୍ରିୟଦର୍ଶନୀ ରାଉତ, ସୁଶ୍ରୀ ସମ୍ଭାବନା, ବଦ୍ରି ନାରାୟଣ ସ୍ୱାଇଁ, ମୃତ୍ୟୁଞ୍ଜୟ ଗପେଇ କୃତକାର୍ଯ୍ୟ ହୋଇଥିବା ବେଳେ ଚକ୍ରଧର ନୋଡାଲ ହାଇସ୍କୁଲର ଅଙ୍କିତା ବେହେରା, ଦେବାଶିଷ ବେହେରା ଓ ଜନତା ନୋଡାଲ ହାଇସ୍କୁଲର ମନୋଜ୍ଞ ସାମଲ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ।







# ଗଛ ମଉସାଙ୍କ ପରଲୋକ

ରାଜକନିକା,୩୧।୧୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ହାଟସାହି ପଞ୍ଚାୟତର ଗଛ ମଉସା ଭାବେ ପରିଚିତ ବଙ୍ଗାଳି ନାୟକଙ୍କ ଗତ ଶୁକ୍ରବାର ପରଲୋକ ହୋଇଯାଇଛି । ସେ ବାଡ଼ିବଗିଚା ଓ ରାସ୍ତାଘାଟ ତଥା ଭେଡାରେ ୧ ହଜାରରୁ ଉର୍ଦ୍ଧ୍ୱ ଗଛ ଲଗାଇଥିଲେ । ପ୍ରତିଦିନ ଚାରା ରୋପଣ ସହିତ ଲଗାଇଥିବା ଗଛର ଯତ୍ନ ନେଉଥିଲେ । କିଏ ଯଦି ଗଛ କାଟି ନେଉଥିଲେ କିମ୍ବା ନଷ୍ଟ କରି ଦେଉଥିଲେ ତାକୁ ସେ ସହଜରେ ଗ୍ରହଣ କରିପାରୁ ନ ଥିଲେ । ସେଥିପାଇଁ ତାଙ୍କ ଆଖିରୁ ଲୁହ ଝରିପଡୁଥିଲା । ସେ ବୈଶାଖ ମାସ ଟାଣ ଖରାରେ ପୋଖରୀରୁ ପାଣି ଆଣି ୧୦ କିଲୋମିଟର ବାଟ ଅତିକ୍ରମ କରି ଗଛରେ ପାଣି ଦେଉଥିଲେ । ଗଛ ପ୍ରତି ଥିବା ତାଙ୍କର ଏପରି ଭଲ ପାଇବାକୁ ନେଇ ସେ ସ୍ଥାନୀୟ ଅଞ୍ଚଳରେ ଗଛ ମଉସା ଭାବେ ପରିଚିତ ଥିଲେ । ଏଥିପାଇଁ ତାଙ୍କୁ ଖରସ୍ରୋତା ସାଂସ୍କୃତିକ ପରିଷଦର ବାର୍ଷିକ ସମାବର୍ତ୍ତନ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା । ତାଙ୍କର ଏପରି ସାମାଜିକ କାର୍ଯ୍ୟ ଯୋଗୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ତାଙ୍କ ପରଲୋକ ଖବର ଜଣାପଡିବା ପରେ ପଞ୍ଚାୟତ ଅଞ୍ଚଳରେ ଶୋକଛାୟା ଖେଳି ଯାଇଥିଲା। ହାଟସାହି ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପରୀକ୍ଷିତ ପଢିଆରୀ, ହାଟସାହି ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଅଭୟ ବେଉରିଆ, ପଣସଗଣ୍ଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବଦତ୍ତ ମହାନ୍ତି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କେଶବ ଚରଣ ନାୟକ, ବରିଷ୍ଟ ଖବରଦାତା ଶିବରାମ ଦାସ ପ୍ରମୁଖ ତାଙ୍କର ଅମର ଆତ୍ମାର ସଦ୍ଗତି କାମନା କରିଛନ୍ତି । ତାଙ୍କ ଶବଧାରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

## ୨ ବଖରା ଜଳିଗଲା

ଦଶପଲ୍ଲା,(ଡି.ଏନ.ଏ.)-ଦଶପଲ୍ଲା ବ୍ଲକ ଡାଳିପଦର ଗ୍ରାମରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୨ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଏଥିରେ ଘରର ଆସବାବପତ୍ର ନଷ୍ଟ ହୋଇଛି। ଉକ୍ତ ଗ୍ରାମର ଯଦୁ ଭୋଇଙ୍କ ଘରେ କେହି ନ ଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଦଶପଲ୍ଲା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

# ପୋଖରୀରେ ବୁଡ଼ି ମହିଳା ମୃତ

ଖଣ୍ଡପଡ଼ା,୩୧।୧୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଗ୍ରାମର କାଞ୍ଚନ ମନ୍ତ୍ରୀ (୪୫)ଙ୍କ ପୋଖରୀରେ ବୁଡ଼ି ଶୁକ୍ରବାର ପୂର୍ବାହ୍ନରେ ମୃତ୍ୟୁ ଘଟିଛି। ସେ ସ୍ଥାନୀୟ ପୋଖରୀକୁ ସ୍ନାନ ଶୌଚାଦି ପାଇଁ ଯାଇଥିବା ସମୟରେ ଏହି ଦୁଃଖଦ ଘଟଣା ଘଟିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହାପରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସୂଚନା ଅନୁଯାୟୀ, ସିଧାମୂଳା ଗ୍ରାମର ରଘୁନାଥ ମନ୍ତ୍ରୀଙ୍କ ସ୍ତ୍ରୀ କାଞ୍ଚନ ଶୁକ୍ରବାର ସ୍ଥାନୀୟ ଜଗନ୍ନାଥ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ତେବେ ପୋଖରୀରେ ହଠାତ୍ ଗୋଡ ଖସି ଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ । ସ୍ଥାନୀୟ ବାସିନ୍ଦାଙ୍କ ସାହାଯ୍ୟରେ ତାଙ୍କୁ ଉଦ୍ଧାର କରାଯାଇ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।




## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ପ୍ରଣୟ


@ ସେହେନ୍ଶା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ୟାୟାମଶାଳା ଉଦ୍‌ଘାଟିତ

ନୟାଗଡ଼ ଅଫିସ,୩୧ ।୧୨:

ନୟାଗଡ଼ ଟାଉନ ଥାନା ନିକଟସ୍ଥ ଖେଳପଡିଆରେ ଶନିବାର ଏକ ଖୋଲା ବ୍ୟାୟାମଶାଳା ଉଦ୍‌ଘାଟିତ ହୋଇଯାଇଛି। ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ବ୍ୟାୟାମଶାଳାକୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଉଦ୍‌ଘାଟନ କରି ପ୍ରତ୍ୟେକ ମଣିଷ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ସ୍ୱାତୀ ମିଶ୍ର ଓ କାଉନସିଲମାନେ ଉପସ୍ଥିତ ଥିଲେ ।

# ଛାମୁଣ୍ଡିଆରେ ଧାନମଣ୍ଡି ଖୋଲିଲା

ଗଣିଆ,୩୧।୧୨(ଡି.ଏନ.ଏ.)

ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପ୍ରାଥମିକ କୃଷି ସେବା ସମବାୟ ସମିତି ପରିସରରେ ଶନିବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତିର ସଭାପତି ହେମନ୍ତ କୁମାର ଦଳେଇ, ସମ୍ପାଦକ ଲକ୍ଷ୍ମଣ ମହାପାତ୍ର ନଡ଼ିଆ ଭାଙ୍ଗି ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ଶନିବାରଠାରୁ କୁଇଣ୍ଟାଲ ପ୍ରତି ୨୦୪୦ଟଙ୍କା ଦରରେ ମଣ୍ଡିରେ ଚାଷୀମାନେ ଧାନ ବିକ୍ରୟ କରିପାରିବେ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି। ଚଳିତ ବର୍ଷ ବନ୍ୟା ଯୋଗୁ ଅନେକ ଗ୍ରାମରେ ଧାନ ଚାଷ ପ୍ରଭାବିତ ହୋଇଥିବା ଦେଖାଯାଇଛି।







# ଭଣ୍ଡାର ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ଶରଣକୁଳ, ୩୧।୧୨(ଡି.ଏନ.ଏ.)


ଅତିଥିମାନେ ଭଣ୍ଡାର ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ଶନିବାର ଶ୍ରୀ ଲଡୁବାବାଙ୍କ ଯାତ୍ରା ପଡ଼ିଆରେ ଶରଣକୁଳ ଭଣ୍ଡାର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଆରମ୍ଭ ହୋଇଛି। ଏହି ମହୋତ୍ସବ ୫ ଦିନ ଚାଲିବ । ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ମହୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏଥିରେ ନୟାଗଡ଼ ଉପଜିଲାପାଳ ଶକ୍ତିକାନ୍ତ ରାୟ ମୁଖ୍ୟଅତିଥି ରୂପେ ଯୋଗଦେଇ ଶରଣକୁଳ ଏକ ଶୈବକ୍ଷେତ୍ର । ଏହା ଶୈବ ଉପାସନର ପ୍ରମୁଖ କ୍ଷେତ୍ର ଭାବେ ରାଜ୍ୟରେ ପରିଚିତ ବୋଲି କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ଡାଲଖାଇ, ସମ୍ବଲପୁରୀ ପରି ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ । ସୁନ୍ଦରଗଡ଼ରୁ ଆସିଥିବା ମାଲଖମ୍ବ କଳା ଦେଖି ଦର୍ଶକ ବିମୋହିତ ହୋଇଥିଲେ। ଏହି ମହୋତ୍ସବରେ ଶରଣକୁଳ ଜୋନ୍ ଜିଲାପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଗୋଡିସାହି ସରପଞ୍ଚ ଦୀପ୍ତିରଞ୍ଜନ ପରିଡ଼ା, ହରିହରପୁର ସରପଞ୍ଚ ବିଳାସିନୀ ଦେଇ, ପଞ୍ଚରିଡାମାନପୁର ସରପଞ୍ଚ ସୌଦାମିନୀ ସାହୁ, ସୁବାସ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ । ଭାବଗ୍ରାହୀ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଭଣ୍ଡାର ମହୋତ୍ସବର ସମ୍ପାଦକ ରବିନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




# କୋଳଥଚାଷ ପାଇଁ ୨୦ ଗଛ କାଟିଲେ ବନ କର୍ମଚାରୀ

ଗଣିଆ,୩୧।୧୨(ଡି.ଏନ୍.ଏ.)

■ ବନ କର୍ମଚାରୀଙ୍କ ଅଜବ ନୀତି
■ ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ ଜାରି



ଦିନକୁ ଦିନ ଜଙ୍ଗଲ ଧ୍ୱଂସ ଯୋଗୁ ପରିବେଶ ଓ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଘଟି ଚାଲିଛି । ଏହାଦ୍ୱାରା ପରିବେଶର ସନ୍ତୁଳନ ପ୍ରକ୍ରିୟା ବିଗିଡିବାକୁ ବସିଲାଣି । ହେଲେ ପରିତାପର ବିଷୟ ନୟାଗଡ଼ ଜିଲା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର କାର୍ଯ୍ୟାଳୟ ପରିସରରେ କୋଳଥ ଚାଷ ପାଇଁ ଖୋଦ୍ ବନ କର୍ମଚାରୀମାନେ ୨୦ଟି ମୂଲ୍ୟବାନ ଗଛକୁ କାଟିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । କଟାଯାଇଥିବା ଏହି ମୂଲ୍ୟବାନ ଗଛ ମଧ୍ୟରେ ଶାଗୁଆନ, ଶିଶୁ, ଅଁଳା, ପିଜୁଳି, ଲେମ୍ବୁ, କମଳା ଓ ଆମ୍ବଭଳି ମୂଲ୍ୟବାନ ଗଛ ରହିଛି । ଅନ୍ୟପକ୍ଷେ କାର୍ଯ୍ୟାଳୟ ପରିସରରେ ଚାରା ପ୍ଲାଣ୍ଟେଶନର ଆଳ ଦେଖାଇ କେତେକ ଶାଗୁଆନ ଗଛକୁ କାଟି ବନକର୍ମଚାରୀମାନେ ବିଭିନ୍ନ ପ୍ରକାର ସୌଖିନୀ ଆସବାବପତ୍ର ତିଆରି କରି ଘରମାନଙ୍କୁ ନେଉଛନ୍ତି । ତେବେ ଓଡ଼ିଶା ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ବନ୍ୟପ୍ରାଣୀ ଅଞ୍ଚଳରେ ଗଛକଟାକୁ ବେଆଇନ ଓ ଦଣ୍ଡନୀୟ ଅପରାଧ ଭାବେ ଉଲ୍ଲେଖ ରହିଥିଲେ ମଧ୍ୟ ଖୋଦ ବନକର୍ମଚାରୀମାନେ ମୂଲ୍ୟବାନ ଗଛଗୁଡିକୁ କାଟିଦେବା ପରିବେଶବିତ୍‌ମାନଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ଏହି ଘଟଣା ସାଧାରଣରେ ପ୍ରଘଟ ହେବା ପରେ ବନକର୍ମଚାରୀମାନେ ଗଛଗୁଡିକର ଡାଳପତ୍ରକୁ ପୋଡିଦେବା ସହ ଜେସିବି ସାହାର୍ଯ୍ୟରେ ଗଛର ଖୁଣ୍ଟାଗୁଡିକୁ ଖୋଳି ପ୍ରମାଣ ନଷ୍ଟ କରିଦେଇଛନ୍ତି । ପରିତାପର ବିଷୟ ସବୁଜ ବନାନୀର ରକ୍ଷକ ହୋଇ ଦିନ ଦ୍ୱିପ୍ରହରରେ କଟର ସାହାର୍ଯ୍ୟରେ ବନାଞ୍ଚଳ କାର୍ଯ୍ୟାଳୟ ପରିସରରୁ ସମ୍ପୃକ୍ତ କର୍ମଚାରୀମାନେ କେଉଁ ନିୟମରେ ଗଛ କାଟିଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଇଛି । ଅପରପକ୍ଷେ ସେହି କାଠ ଗଣ୍ଡିଗୁଡିକୁ ମଧ୍ୟରୁ ରାତିଅଧିଆ କିଛି ବାହାରକୁ ଚାଲାଣ କରି ଅବଶିଷ୍ଟ ଗୋଦାମ ଘରେ ଗଚ୍ଛିତ କରାଯାଇଛି । ଏହି ଘଟଣାକୁ ସାଧାରଣରେ ନିନ୍ଦା କରାଯିବାସହ ଉଚ୍ଚ ପଦସ୍ଥ ଅଧରକାରୀ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି । ଏ ସମ୍ପର୍କରେ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସନ୍ତୋଷ କୁମାର ସାହୁଙ୍କୁ ପଚାରିବାରୁ ଗଛଗୁଡ଼ିକ ମରିଯାଇଥିଲା, ତାହା କଟାଯାଇଛି ବୋଲି ପ୍ରକାଶ କରିଛନ୍ତି ।







# ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ

ନୟାଗଡ଼ ଅଫିସ,୩୧।୧୨

ଉତ୍କଳ ସମ୍ମିଳନୀ ନୟାଗଡ଼ ଜିଲା ଶାଖା ତରଫରୁ ଶନିବାର ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ଭୋରୁ ନୟାଗଡ଼ ସହରରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ନୟାଗଡ଼ ଜିଲା ଶାଖା ତରଫରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ଇନ୍‌ସ୍ୱାୟାର ମହାବିଦ୍ୟାଳୟ ପ୍ରେକ୍ଷାଳୟ ଠାରେ ଆଲୋଚନାଚକ୍ର ଓ କବିତାପାଠ କରାଯାଇଥିଲା । ଉତ୍କଳ ସମ୍ମିଳନୀ ନୟାଗଡ଼ ଜିଲା ଶାଖାର ସଭାପତି ବସିରନ୍ ବିବି ଏଥିରେ ସଭାପତିତ୍ୱ କରିଥିଲେ। ହରପ୍ରିୟା ଦ୍ୱିବେଦୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟକ୍ଷ ମହମ୍ମଦ ଓମାର ମଲ୍ଲିକ ତଥା ସାମାଜିକ କର୍ମୀ ଅରୁଣ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ତଥା ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ଆଲୋଚନାରେ ଜ୍ଞାନ ପ୍ରକାଶ ବାରିକ, ଉମାମଣି ମିଶ୍ର, କାମାକ୍ଷା ପ୍ରସାଦ ଦାଶ ଅଂଶଗ୍ରହଣ କରିବା ସହ ମମତା ମଞ୍ଜରୀ ଦେବୀ, ରୀତା ରାଣୀ ମିଶ୍ର, ଅଶୋକ ନାୟକ, ମାନସ, କ୍ଷଣପ୍ରଭା କର ପ୍ରମୁଖ ମୋ ଓଡ଼ିଶା ଶୀର୍ଷକ କବିତାପାଠ କରିଥିଲେ । ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ୧୯୩୬ ଏପ୍ରିଲ୍ ୧ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇପାରିଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରଚେଷ୍ଟାରେ ୧୯୦୩ରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ହୋଇଥିଲା ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧ ଜାନୁୟାରୀ, ୨୦୨୩



# ଓଳାଶୁଣୀ ଜଙ୍ଗଲରେ ନିଆଁ

**ଚଣ୍ଡିଖୋଲ,୩୧।୧୨(ଡି.ଏନ୍.ଏ.):** ଓଡ଼ିଶାର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନରେ ଥିବା ଓଳାଶୁଣୀ ପୀଠ ପାହାଡ଼ର ଜଙ୍ଗଲ ମଧ୍ୟରେ ଶୁକ୍ରବାର ନିଆଁ ଲାଗିଯିବା ଦ୍ୱାରା ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା । ଚଣ୍ଡିଖୋଲ ଓ ଡେରାବିଶର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଜଙ୍ଗଲ ମଧ୍ୟରେ ଥିବା ଗଛର ଶୁଖିଲା ପତ୍ରଗୁଡ଼ିକ ତଳେ ପଡ଼ିଥିବାରୁ ହଠାତ୍ ନିଆଁ ଚାରିଆଡ଼କୁ ବ୍ୟାପି ଯାଇଥିଲା । ଏହି ବିରାଟ ଜଙ୍ଗଲ ମଧ୍ୟରେ ଲକ୍ଷାଧିକ ଗଛ ରହିଥିବା ବେଳେ ପ୍ରାୟ ୪ରୁ ୫୦ ଗଛ ପୋଡ଼ିଯାଇଥିଲା । ବନ ବିଭାଗ ଓ ଦମକଳ ବାହିନୀ ବହୁ ଉଦ୍ୟମ କରି ନିଆଁକୁ ଆୟତ କରିବା ଦ୍ୱାରା ଜଙ୍ଗଲ ରକ୍ଷା ପାଇଥିଲା । ଏ ସମ୍ପର୍କରେ ବନପାଳ ଶଶିକାନ୍ତ ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି, କେହି ବିଡ଼ି କିମ୍ୱା ସିଗାରେଟ୍ ପିଇ ଶୁଖିଲା ପତ୍ରରେ ପକାଇବା ପରେ ଏଭଳି ନିଆଁ ଲାଗିଥାଇ ପାରେ କିମ୍ୱା ଏଠାରେ ବଣଭୋଜୀ ବହୁମାତ୍ରାରେ ହେଉଥିବା ହେତୁ କେହି ବଣ ଭୋଜିର ନିଆଁକୁ ଜଙ୍ଗଲ ମଧ୍ୟରେ ପକାଇଥାଇ ପାରନ୍ତି। ବର୍ତ୍ତମାନ ଗଛ ମୂଳେ ଶୁଖିଲା ପତ୍ର ପଡ଼ିଥିବା ହେତୁ ଜଙ୍ଗଲ ପାର୍ଶ୍ୱରେ କେହି ନିଆଁ ବ୍ୟବହାର କରନ୍ତୁ ନାହିଁ ବୋଲି ସେ ମତ ରଖିଛନ୍ତି।

# କ୍ରିକେଟ୍: ସେମିରେ କଟକ ରାଇଜିଂ ଷ୍ଟୁଡେଣ୍ଟ୍

**ଯାଜପୁର, ଟାଉନ, ୩୧।୧୨(ଡି.ଏନ.ଏ.):** ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ ଦିବସର ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଚଇନପୁର ଷ୍ଟାଡିୟମଠାରେ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ଓ ଇଲେଭେନ୍ ଷ୍ଟାର ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା । ଇଲେଭେନ୍ ଷ୍ଟାର ଯାଜପୁର ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ଓଭର ଖେଳି ୮ ଉଇକେଟ୍ ହରାଇ ୨୧୯ରନ୍ ସଂଗ୍ରହ କରିଥିଲା । ଜବାବରେ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ୨୨.୫ ଓଭର ଖେଳି ୫ ଉଇକେଟ୍ ହରାଇ ୨୨୩ରନ୍ ସଂଗ୍ରହ କରି ଇଲେଭେନ୍ ଷ୍ଟାର ଯାଜପୁରକୁ ପରାସ୍ତ କରିଥିଲା । ରାଇଜିଂ ଷ୍ଟୁଡେଣ୍ଟ୍‌ର ବିପ୍ଳବ ସାମନ୍ତରାୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ଜିଲା ବିଜେଡି ଉପସଭାପତି ଦେବଦତ୍ତ ଦାସ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

# ବୈତରଣୀ ନଦୀରେ ମାଛ ବଂଶ ବୃଦ୍ଧି ପାଇଁ ପ୍ରୟାସ

**ଯାଜପୁର ଟାଉନ, ୩୧।୧୨(ଡି.ଏନ.ଏ.):** ଯାଜପୁର ନିକଟବର୍ତ୍ତୀ ବୈତରଣୀ ନଦୀରେ ମାଛ ବଂଶ ହ୍ରାସ ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟ ବିଭାଗ ପକ୍ଷରୁ ୭ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ବିଭିନ୍ନ ଜାତିର ମାଛ ଯାଆଁଳ ଛଡ଼ାଯାଇଛି। ଏନେଇ ସ୍ଥାନୀୟ ମୋଟରଙ୍ଗାପାଳଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମତ୍ସ୍ୟ ଅଧିକାରୀ ପ୍ରମାଦ ରାଉତଙ୍କ ଆୟୋଜନକ୍ରମେ ଜିଲା ମୁଖ୍ୟ କୃଷି ଅଧିକାରୀ କମଳ କୁମାର ନାୟକ, ଜଳଛାୟାର ପ୍ରକଳ୍ପ ଅଧିକାରୀ ପିଡି ନାରାୟଣ ପାତ୍ର, ସବ୍‌ଡିଭିଜନ୍‌ର ପ୍ରାଣୀଧନ ଚିକିତ୍ସାଧିକାରୀ ଡ. ବିମଳ ମହାପାତ୍ର, ଅତିରିକ୍ତ ତହସିଲଦାର ଅଜୟ ପଣ୍ଡା, ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମର ପ୍ରଶାନ୍ତ କୁମାର ପଣ୍ଡା, ସହକାରୀ ଉଦ୍ୟାନ ଅଧିକାରୀ ଯୋଗମାୟା ମିଶ୍ର, ସ୍ଥାନୀୟ ସରପଞ୍ଚ କୁମଳମଣି ପରିଡ଼ା, ପି.ଏସ୍. ମେମ୍ବର ସିମାଶ୍ରୀ ଯେନା ପ୍ରମୁଖ ଅଧିକାରୀ ଏବଂ ମତ୍ସ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ରହି ସ୍ଥାନୀୟ ଧିବରମାନଙ୍କ ସହଯୋଗରେ ମାଛ ଯାଆଁଳ ଛାଡ଼ିଥିଲେ ।








































ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧ ଜାନୁୟାରୀ, ୨୦୨୩



**ଯୁବକଙ୍କ ଜୀବନ ବଞ୍ଚାଇଥିବାରୁ ସମ୍ବର୍ଦ୍ଧିତ କଲେ ବିଡିଓ**

ନାଉଗାଁ,(ସ୍ୱ.ପ୍ର.): ନାଉଗାଁ ବ୍ଲକର ବଛାଲୋ ଗ୍ରାମରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ରକ୍ଷା କରି ପ୍ରଶଂସିତ ହୋଇଛନ୍ତି ରୋହିଆ ଗ୍ରାମର କପିଳେନ୍ଦ୍ର ରାଉତ ଓ ଲିପୁନା ଜେନା। ସେମାନଙ୍କୁ ବିଡିଓ ରଶ୍ମିରେଖା ମଲ୍ଲିକ ଶନିବାର ସମ୍ବର୍ଦ୍ଧିତ କରିଛନ୍ତି। ବଛାଲୋ ଗ୍ରାମର ଉମାକାନ୍ତ ନାୟକ ପାରିବାରିକ କଳହକୁ ନେଇ ଗଛରେ ଛଡ଼ି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବାବେଳେ କପିଳେନ୍ଦ୍ର ଓ ଲିପୁନା ସେଠାରେ ପହଞ୍ଚି ଗଛରେ ଚଢି ତାଙ୍କୁ ଉଦ୍ଧାର କରିଥିଲେ। ପରେ ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ଉମାକାନ୍ତଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ।

# ମହୋତ୍ସବ ନାଁରେ ଚାନ୍ଦା ଦେବାକୁ ଧମକ : ଥାନାରେ ଅଭିଯୋଗ

ପାରାଦୀପ,୩୧।୧୨(ସ୍ୱ.ପ୍ର.)

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଉପଲକ୍ଷେ ପାରାଦୀପର ଅଟଳ ମେମୋରିଆଲ ଟ୍ରଷ୍ଟ ସଙ୍ଗଠନ ପକ୍ଷରୁ ଡିସେମ୍ବର ୨୫ ରୁ ୩୧ ପର୍ଯ୍ୟନ୍ତ ପାରାଦୀପ ମହୋତ୍ସବ ପାଳନ କରାଯାଉଛି। ଉକ୍ତ ମହୋତ୍ସବ ପାଇଁ ଏକ ଠିକାସଂସ୍ଥାକୁ ଚାନ୍ଦା ମଗାଯିବା ସହ ଧମକ ଦିଆଯାଇଥିବା ନେଇ ଶୁକ୍ରବାର ଜଟାଧାର ମୁହାଣ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଶନିବାର ମାମଲା (୫୬/୨୨)ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଏନ୍‌ଆର୍‌ଏଲ୍ (ନୁମାଲିଗଡ ରିଫାଇନେରି ଲିମିଟେଡ) ଅଧୀନରେ କାମ କରୁଥିବା ଠିକାସଂସ୍ଥା କିଲର ଗ୍ରୁପ୍ ଇଞ୍ଜିନିୟରିଂ ଇଣ୍ଡିଆ ଲିମିଟେଡ ସୁପରଭାଇଜର ଜିତେନ୍ଦ୍ର କୁମାର ଦାସ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ୨୩ ତାରିଖରେ ମୁନା ସ୍ୱାଇଁ ଓ ଅନ୍ୟ ୬ ଜଣ ମହୋତ୍ସବ ପାଇଁ ଚାନ୍ଦା ଦେବାକୁ ଧମକ ଦେଇଥିଲେ। ପୁନର୍ବାର ସେମାନେ ୨୯ ତାରିଖରେ ଆସି ଗାଳିଗୁଲଜ କରିବା ସହ କମ୍ପାନୀ ବନ୍ଦ କରିବାକୁ ଧମକ ଦେଇଛନ୍ତି।

# ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ରାହାମା,୩୧।୧୨(ଡି.ଏନ୍.ଏ.)

କୁଜଙ୍ଗ ତହସିଲ ଅଧୀନ କାଠକୋଟ ଗ୍ରାମର ପଡ଼ା ଗ୍ରାମ ବାରମାଣିଆରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଜଳିଯାଇଛି। ଏଥିରେ ସୂର୍ଯ୍ୟମଣୀ ଦାସ ଓ ଗଜେନ୍ଦ୍ର ଦାସଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ଘରର ସମସ୍ତ ଆସବାବପତ୍ର ସମେତ ଧାନ, ଚାଉଳ ଓ ବିରି ଆଦି ପୋଡ଼ି ଯାଇଛି। ଏଥିରେ ସୂର୍ଯ୍ୟମଣୀଙ୍କ ଗୋଟିଏ ଗାଈ ଗୁରୁତର ହୋଇଥିବାବେଳେ ବାଛୁରିର ମୃତ୍ୟୁ ଘଟିଛି। ସେହିପରି ଗଜେନ୍ଦ୍ରଙ୍କ ଗୋଟିଏ ଗାଈ ଅର୍ଦ୍ଧଦଗ୍ଧ ହୋଇଯାଇଛି। ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲେ ମଧ୍ୟ ତାହା ପହଞ୍ଚି ପାରି ନ ଥିଲା। ସରପଞ୍ଚଙ୍କ ପ୍ରତିନିଧି ପ୍ରିୟଦର୍ଶୀ ପଟ୍ଟନାୟକ, ସମିତି ସଭ୍ୟ ଆଶିଷ ଦାସ ପହଞ୍ଚି ବିପନ୍ନ ପରିବାରକୁ ସମବେଦନା ଜଣାଇଛନ୍ତି। ହଂସୁରା ରାଜସ୍ୱ ନିରୀକ୍ଷକ ଗଣେଶ ମଲ୍ଲିକ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି।

# ମା'ଉଗ୍ରତାରା କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଜୟଦୁର୍ଗା ଚାମ୍ପିୟନ

ବାଲିକୁଦା,୩୧।୧୨(ସ୍ୱ.ପ୍ର.)

ବାଲିକୁଦା ବ୍ଲକ କୁଶୁପୁର ପଞ୍ଚାୟତ ଖଡିକାଦଣ୍ଡା ଗ୍ରାମରେ ୩ ଦିନ ଧରି ଆୟୋଜିତ ମା' ଉଗ୍ରତାରା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜୟଦୁର୍ଗା କ୍ରିକେଟ କ୍ଲବ ମାଛଗାଁ ଚାମ୍ପିୟନ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୮ ଟିମ୍ ଭାଗ ନେଇଥିଲେ। ଉଦ୍‌ଯାପନୀ ମ୍ୟାଚ ଜୟଦୁର୍ଗା ଓ ମା' ବନ୍ଦରଇ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବନ୍ଦରଇ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ୍ ହରାଇ ୫୦ ରନ କରିବାକୁ ସମର୍ଥ ହୋଇଥିଲା। ଜବାବରେ ଜୟଦୁର୍ଗା ୭.୩ ଓଭରରେ ୯ ଉଇକେଟ୍‌ରେ ଆବଶ୍ୟକ ରନ୍ କରି ଚାମ୍ପିୟନ ହୋଇଥିଲା। ଏଥିରେ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଜୟଦୁର୍ଗା କ୍ରିକେଟ କ୍ଲବର ପପୁରଞ୍ଜନ ପତି ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ବନ୍ଦରେଇ କ୍ରିକେଟ କ୍ଲବର ରାଜ କିଶୋର ବେହେରା ପୁରସ୍କୃତ ହୋଇଥିଲେ।







































